RNI No.ODIODI/2010/33031
୧୭ ବର୍ଷ Volume-17
ISSUE -63 ସଂଖ୍ୟା-୬୩
ଭୁବନେଶ୍ୱର, ଶନିବାର ୧୬ ମଇ ୨୦୨୬
Bhubaneswar, Saturday 16 May, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ସଙ୍କଟ ଭିତରେ ବଢିଲା ପେଟ୍ରୋଲ-ଡିଜେଲ ଦାମ

ନୂଆଦିଲ୍ଲୀ,୧୫।୫: ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ବିଶ୍ୱରେ ଅଶୋଧିତ ତୈଳ ଦାମରେ ନିଆଁ ଲାଗିଛି। ଅଶୋଧିତ ତୈଳ ଦର ହୁହୁ ହୋଇ ବଢୁଥିବା ବେଳେ ଆଜି ତୈଳ କମ୍ପାନୀଗୁଡିକ ଦେଶରେ ପେଟ୍ରୋଲ ଓ ଡିଜେଲର ଦାମ ଲିଟର ପିଛା ୩

ପେଟ୍ରୋଲ ୩.୧୪ ଟଙ୍କା, ଡିଜେଲ ୩.୧୧ ଟଙ୍କା ମହଙ୍ଗା

ଆଗକୁ ଆହୁରି ବଢ଼ିବା ସମ୍ଭାବନା

ଟଙ୍କା ଯାଏ ବୃଦ୍ଧି କରିଛନ୍ତି। ନୂଆ ଦର ପରେ ଦେଶର ରାଜଧାନୀ ଦିଲ୍ଲୀ ଠାରୁ ଆରମ୍ଭ କରି ଓଡିଶାରେ ପେଟ୍ରୋଲ-ଡିଜେଲ ମହଙ୍ଗା ହୋଇ ଯାଇଛି।

କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ପେଟ୍ରୋଲ ଓ ଡିଜେଲର ବ୍ୟବହାର କମ କରିବାକୁ ପରାମର୍ଶ ଦେଇଥିଲେ। ଭାରତର ଆମଦାନୀ ବିଲ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ବଢୁଥିବାରୁ ପ୍ରଧାନମନ୍ତ୍ରୀ ମୋଦି

ଏପରି ପରାମର୍ଶ ଦେଇଥିଲେ। ମୋଦିଙ୍କ ଆହ୍ୱାନର କିଛି ଦିନ ପରେ ଆଜି ଠାରୁ ପେଟ୍ରୋଲ ଓ ଡିଜେଲ ଦାମ ବୃଦ୍ଧି ପାଇଛି। ତେବେ ଦର ବୃଦ୍ଧି ଏତିକିରେ ସୀମିତ ରହିବ ନାହିଁ। ବିଶେଷଜ୍ଞମାନେ ସତର୍କ କରାଇଛନ୍ତି ଯେ ପେଟ୍ରୋଲ ଓ ଡିଜେଲ ଦାମ ଆଗାମୀ ଦିନରେ ଆହୁରି ମହଙ୍ଗା ହେବ। ଯଦି ଆଗକୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦାମ ବୃଦ୍ଧି ପାଇବ, ସେହି ଅନୁସାରେ ଦେଶରେ ପେଟ୍ରୋଲ ଓ ଡିଜେଲ ଦାମ ମଧ୍ୟ ବଢ଼ିବ। ଫାଉଣ୍ଡେସନ ଫର ଇକୋନୋମିକ ଡେଭଲପମେଣ୍ଟର ପ୍ରତିଷ୍ଠାତା-ନିର୍ଦ୍ଦେଶକ ରାହୁଲ କହିଛନ୍ତି ଯେ "ତୈଳ ଦର ବୃଦ୍ଧି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରକୃତ କଥା ହେଲା ତୈଳ ଯୋଗାଣ ଏବେ ଅଧିକ ମହଙ୍ଗା ଓ ଅନିଶ୍ଚିତତା ମଧ୍ୟରେ ରହିଛି।"ତୈଳ ଦର ବୃଦ୍ଧିର ପ୍ରଭାବ ତୁରନ୍ତ ପେଟ୍ରୋଲ ପମ୍ପଗୁଡିକରେ ଦେଖିବାକୁ ମିଳିଛି। କିନ୍ତୁ ଅର୍ଥନୀତିଜ୍ଞଙ୍କ କହିବା କଥା ଯେ ତୈଳ ଦର ବୃଦ୍ଧିର ପ୍ରକୃତ ପ୍ରଭାବ ଅତ୍ୟନ୍ତ ବିସ୍ତାର। ସମୟକ୍ରମେ ଏଥିଯୋଗୁ ଖାଦ୍ୟ ସାମଗ୍ରୀ, ପରିବହନ, ଅନଲାଇନ ଡେଲିଭରି ଓ ମାସିକ ଘରୋଇ ଖର୍ଚ୍ଚ ମଧ୍ୟ ବଢ଼ିବ।

ଦର ବୃଦ୍ଧିର ତତ୍କାଳ ଚାପ ପରିବହନ ଖର୍ଚ୍ଚ ଉପରେ ରହିଛି। ପେଟ୍ରୋଲ ଦାମ ବୃଦ୍ଧି ଯୋଗୁ କାର ଓ ବାଇକ ବ୍ୟବହାରକାରୀଙ୍କ ଖର୍ଚ୍ଚ ବୃଦ୍ଧି ପାଇଛି। ଡିଜେଲ ଦାମ ବୃଦ୍ଧି ଯୋଗୁ ବସ, ଟ୍ରକ ଓ ଅନ୍ୟ ସାମଗ୍ରୀ ପରିବହନ ମାଧ୍ୟମ ଗୁଡିକର ଖର୍ଚ୍ଚ ବଢ଼ିବ। ସେହି ଅନୁସାରେ ସେମାନେ ମଧ୍ୟ ବିଭିନ୍ନ ଜିନିଷର ଦାମ ବୃଦ୍ଧି କରିବେ। ଏହାର ସିଧାସଳଖ ପ୍ରଭାବ ଖାଉଟିଙ୍କ ଉପରେ ପଡିବ।

ଆଗାମୀ ଦିନରେ ଅଟୋର ଭଡା, କ୍ୟାବ ଭଡା ବାବଦରେ ଲୋକଙ୍କୁ ଅଧିକ ଟଙ୍କା ଦେବାକୁ ପଡିବ। ପ୍ରଭାବ କେବଳ ପରିବହନରେ ସୀମିତ ରହିବ ନାହିଁ। ଭାରତର ଖାଦ୍ୟ ସାମଗ୍ରୀ ଯୋଗାଣ ସଡକ ପଥରେ ହିଁ ହୋଇଥାଏ। ଡିଜେଲ ଦାମର ବୃଦ୍ଧି ଏବେ ରୋଷେଇ ଘର ବଜେଟକୁ ପ୍ରଭାବିତ କରିବ।

ପନିପରିବା, ଫଳ, କ୍ଷୀର, ଶସ୍ୟ ଓ ପ୍ୟାକେଜ ଦ୍ରବ୍ୟ ଗୁଡିକ ପରିବହନ ଖର୍ଚ୍ଚ ବୃଦ୍ଧି ଯୋଗୁ ମହଙ୍ଗା ହେବ। ଏହି ଅତିରିକ୍ତ ଖର୍ଚ୍ଚର ବୋଝ ସିଧା ସାଧାରଣ ଖାଉଟିର ପକେଟକୁ ବାଧିବ। ଯଦି ଦୀର୍ଘ ସମୟ ଧରି ତୈଳ ଦର ଆକାଶ ଛୁଆଁ ହୋଇ ରହିବ, ତା'ହେଲେ ଖାଦ୍ୟ ମୁଦ୍ରାସ୍ଫୀତିର ସ୍ଥିତି ଭୟଙ୍କର ରୂପ ଧାରଣ କରିବ।

ଡିଜେଲ ଦର ବୃଦ୍ଧିର ଅଧିକ ପ୍ରଭାବ ଗ୍ରାମୀଣ ଅର୍ଥନୀତି ଉପରେ ପଡିବ। କାରଣ ଚାଷୀମାନେ ଡିଜେଲ ଚାଳିତ ଟ୍ରାକ୍ଟର, ଜଳ ସେଚନ ପମ୍ପ ଓ ପରିବହନ ବ୍ୟବସ୍ଥା ଉପରେ ନିର୍ଭର କରନ୍ତି। ତୈଳ ଦର ବୃଦ୍ଧି କୃଷି ଭିତ୍ତିକ ଖର୍ଚ୍ଚକୁ ବଢ଼ାଇବ ଓ ଏହାର ପ୍ରଭାବ ଖାଦ୍ୟର ଦାମ ଉପରେ ପଡିବ।

ରାଜ୍ୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୬୦%କୁ ବୃଦ୍ଧି

ଭୁବନେଶ୍ୱର,୧୫।୫(ନି.ପ୍ର.): ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ଆଉ ୨ ପ୍ରତିଶତ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏହାସହିତ ରାଜ୍ୟ କର୍ମଚାରୀଙ୍କ ମୋଟ୍ ମହଙ୍ଗା ଭତ୍ତା(ଡିଏ) ୫୮ରୁ ୬୦ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ଜାନୁୟାରୀ ପହିଲାରୁ ଲାଗୁ ହେବ। ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ମଇମାସ ଦରମାରେ ନଗଦ ଆକାରରେ ମିଳିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ୬୦ ପ୍ରତିଶତ ମହଙ୍ଗା ଭତ୍ତା ପିଛିଲା ଭାବେ ଜାନୁୟାରୀ ମାସରୁ ମିଳିବ। ରାଜ୍ୟ ସରକାରଙ୍କ ପେନସନଭୋଗୀମାନଙ୍କୁ ମଧ୍ୟ ଟିଆଇରେ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ବର୍ଦ୍ଧିତ ପେନସନକୁ ମଇ ମାସର

ପେନସନରେ ନଗଦ ଆକାରରେ ପାଇବେ। ମୋଟ ୮ଲକ୍ଷ ସରକାରୀ କର୍ମଚାରୀ ଓ ପେନସନଭୋଗୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ପ୍ରେସ୍ ରିଲିଜରେ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଅର୍ଥ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଯୋଗୁ ରାଜ୍ୟ ରାଜକୋଷ ଉପରେ ବାର୍ଷିକ ପ୍ରାୟ ୫୦୦ରୁ ୬୦୦କୋଟି ଟଙ୍କାର ଅତିରିକ୍ତ ବୋଝ ପଡିବ। ରାଜ୍ୟର ପ୍ରାୟ ସାଢେ ୪ ଲକ୍ଷ କର୍ମଚାରୀ ଓ ୪ ଲକ୍ଷ ପେନସନଭୋଗୀଙ୍କୁ ୪ମାସର ବକେୟା ରାଶି(ମହଙ୍ଗା ଭତ୍ତା) ମଧ୍ୟ ସରକାର ଦେବେ। ସୂଚନାଯୋଗ୍ୟ, ରାଜ୍ୟ ସରକାର ପ୍ରତିବର୍ଷ ସରକାରୀ କର୍ମଚାରୀ ଓ ପେନସନଭୋଗୀଙ୍କ ନିମନ୍ତେ ଦୁଇଥର ମହଙ୍ଗା ଭତ୍ତା ବୃଦ୍ଧି କରିଥାନ୍ତି।

ଅନଲାଇନରେ ହେବ ନିଟ୍ ପରୀକ୍ଷା

ଜୁନ ୨୧ରେ ନିଟ୍ ୟୁଜି ପରୀକ୍ଷା, ମିଳିବ ଅତିରିକ୍ତ ୧୫ ମିନିଟ୍

ଭୁବନେଶ୍ୱର,୧୫।୫(ନି.ପ୍ର.): ନିଟ୍ ପରୀକ୍ଷାକୁ ନେଇ ଦେଶଜୁଡ଼ା ବିବାଦ ଓ ପେପର ଲିକ୍ ଅଭିଯୋଗ ପରେ କେନ୍ଦ୍ର ସରକାର ନେଇଛନ୍ତି ବଡ଼ ନିଷ୍ପତ୍ତି। ଏଣିକି ଆସନ୍ତା ବର୍ଷରୁ ନିଟ୍ ପରୀକ୍ଷା ଅନଲାଇନ୍ ମୋଡ୍‌ରେ ହେବ। ଅର୍ଥାତ୍ ଓଏମଆର ସିଟ୍ ବଦଳରେ କମ୍ପ୍ୟୁଟର-ଭିତ୍ତିକ ଟେଷ୍ଟ ମାଧ୍ୟମରେ ପରୀକ୍ଷା ହେବ ବୋଲି ଘୋଷଣା କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସାମ୍ବାଦିକ ସମ୍ମିଳନୀରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, "ଓଏମଆର ଅପେକ୍ଷା ସିବିଟି ଅଧିକ ସୁରକ୍ଷିତ ଓ ସ୍ୱଚ୍ଛ ପ୍ରଣାଳୀ।" ପେପର ଲିକ୍ ଭଳି ଘଟଣାକୁ ରୋକିବା ଓ ପରୀକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ ଏହି ବଡ଼ ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି।ଏହି ବର୍ଷର ନିଟ୍ ପରୀକ୍ଷାକୁ ନେଇ ମଧ୍ୟ ମନ୍ତ୍ରୀ କିଛି ବଡ଼ ଘୋଷଣା କରିଛନ୍ତି। ପରୀକ୍ଷାର୍ଥୀଙ୍କୁ ଅତିରିକ୍ତ ୧୫ ମିନିଟ୍ ସମୟ ମିଳିବ। ପରୀକ୍ଷା ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ୧୫ ପର୍ଯ୍ୟନ୍ତ ଚାଲିବ। ଜୁନ୍ ୨୧ରେ ହେବାକୁ ଥିବା ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଜୁନ୍ ୧୪ ସୁଦ୍ଧା ଉପଲବ୍ଧ ହେବ ବୋଲି ସୂଚନା ମିଳିଛି।

ପେପର ଲିକ୍ ବିବାଦକୁ ନେଇ ଶିକ୍ଷାମନ୍ତ୍ରୀ କହିଛନ୍ତି, ୭ ମେ'ରେ ଖବର ପ୍ରକାଶ ପାଇବା ପରେ ତୁରନ୍ତ ତଦନ୍ତ ଆରମ୍ଭ ହୋଇଥିଲା। ପରେ ମାମଲାକୁ ତଦନ୍ତ ଏଜେନ୍ସିଙ୍କୁ ହସ୍ତାନ୍ତର କରାଯାଇଥିଲା ଏବଂ ସିବିଆଇ ଏବେ ଏହାର ତଦନ୍ତ କରୁଛି। "ଶିକ୍ଷା ମାଫିଆଙ୍କୁ କେବେ ବି ଛାଡ଼ାଯିବନି," ବୋଲି ସେ କଠୋର ଚେତାବନୀ ଦେଇଛନ୍ତି। ସେହିପରି ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ଏନଟିଏ ଫିସ୍ ଫେରସ୍ତ କରିବା ସହ ପସନ୍ଦର ସହର ବାଛିବାର ସ୍ୱାଧୀନତା ମଧ୍ୟ ଦେବାକୁ ନିଷ୍ପତ୍ତି ନେଇଛି। ନିଟ୍‌ର ନୂଆ ରୂପରେ ଏବେ ପ୍ରଯୁକ୍ତି ହେବ ଛାତ୍ରଛାତ୍ରୀଙ୍କ ଭରସା ଓ ସ୍ୱଚ୍ଛତାର ନୂଆ ଅସ୍ତ୍ର।

ଆଜି ସାବିତ୍ରୀ ବ୍ରତ : ଆକାଶ ଛୁଆଁ ଫଳ ଦର

ଭୁବନେଶ୍ୱର,୧୫।୫(ନି.ପ୍ର.): ରାତି ପାହିଲେ ସାବିତ୍ରୀ ବ୍ରତ। ସ୍ୱାମୀଙ୍କ ଦୀର୍ଘାୟୁ ଓ କଲ୍ୟାଣ କାମନା କରି ଓଡ଼ିଶାର ସଧବା ନାରୀ ପାଳନ କରିବେ ଏହି ବ୍ରତ। ଏହି ଅବସରରେ ନୂଆ ଶାଢ଼ି, ଶଙ୍ଖା ଓ ଶୃଙ୍ଗାର ସାମଗ୍ରୀ ପରିଧାନ କରି ପୂଜାର୍ଚ୍ଚନା କରିବାର ପରମ୍ପରା ରହିଛି। ପର୍ବ ପାଇଁ ଏବେ ସପିଙ୍ଗ ମଲ୍‌ରୁ ଆରମ୍ଭ କରି ଶାଢ଼ି, ଗହଣା, ଷ୍ଟୋରସନାରି ଏବଂ ଫଳ ଦୋକାନ ପର୍ଯ୍ୟନ୍ତ ସବୁଠି ଚଳଚଞ୍ଚଳ ପରିବେଶ। ରେଶମ ସହର ବ୍ରହ୍ମପୁରରେ ବି ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି। ପୂଜାକୁ ଆଖି ଆଗରେ ରଖି ପ୍ରତି ଛକରେ ବ୍ୟବସାୟୀମାନେ ପସରା ମେଲାଇଛନ୍ତି। ଏହି ଉତ୍ସବର ଆନନ୍ଦ ଭିତରେ ସାଧାରଣ ଖାଉଟିଙ୍କ ପକେଟକୁ ବାଧୁଛି ବର୍ଦ୍ଧିତ ମୂଲ୍ୟ। ସାବିତ୍ରୀ ପାଇଁ ଫଳର ଦର ଆକାଶଛୁଆଁ ହୋଇଛି, ଯାହା ଗ୍ରାହକଙ୍କ ଚିନ୍ତା ବଢ଼ାଇ ଦେଇଛି।

ଏହି ମହଙ୍ଗା ମାଡ଼ ସାଧାରଣ ମଧ୍ୟବିତ୍ତ ପରିବାର ପାଇଁ ବଡ଼ ବୋଝ ସଦୃଶ ହୋଇଛି। ସାବିତ୍ରୀ ଅମାବାସ୍ୟା ପୂର୍ବରୁ ବିବାହିତ ଝିଅ ଘରକୁ 'ସାବିତ୍ରୀ ଭାର' ପଠାଇବାର ସ୍ୱତନ୍ତ୍ର ପରମ୍ପରା ରହିଛି। ଏହି ପରମ୍ପରା ରକ୍ଷା କରିବା ପାଇଁ ଝିଅ ଘରକୁ ଭାର ନେଇ ଯିବାକୁ ଲୋକେ ବାଧ୍ୟ ହୋଇ ଫଳ ଦୋକାନରେ ପ୍ରବଳ ଭିଡ଼ ଜମାଉଛନ୍ତି ଏବଂ ଚଢ଼ା ଦରରେ ଜିନିଷ କିଣୁଛନ୍ତି। ପକେଟକୁ ବାଧୁଥିଲେ ମଧ୍ୟ, ସାମାଜିକ ରୀତିନୀତି ଏବଂ ସ୍ନେହର ସମ୍ପର୍କ ଆଗରେ ଗ୍ରାହକ ଅସହାୟ ହୋଇ ଏହି ବର୍ଦ୍ଧିତ ମୂଲ୍ୟକୁ ସ୍ୱୀକାର କରିବାକୁ ବାଧ୍ୟ ହେଉଛନ୍ତି। ବ୍ରହ୍ମପୁରର ଗୋସାଇଁ ନୂଆଗାଁ, ବିଜିପୁର, ଗିରି ମାର୍କେଟ, ଏସ୍‌ବିଆର ମହିଳା କଲେଜ ସମ୍ମୁଖ ରାସ୍ତା, କମାପଲ୍ଲୀ, ହରିଡ଼ାଖଣ୍ଡି ଏବଂ ଇଂଜିନିୟରିଂ ସ୍କୁଲ ଛକ ଆଦି ପ୍ରମୁଖ ରାସ୍ତାକଡ଼ରେ ଭଳିକି ଭଳି ଫଳର ପସରା ଦେଖିବାକୁ ମିଳିଛି। ମୁଖ୍ୟତଃ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ପଣସ, ତାଳ ଓ ଆମ୍ବ ଆଣି ମହିଳା ବ୍ୟବସାୟୀମାନେ ଏଠାରେ ବିକ୍ରି କରୁଛନ୍ତି। ଫଳ ବ୍ୟତୀତ ପୂଜା ଥାଳି ପାଇଁ ଆବଶ୍ୟକ ହେଉଥିବା ସ୍ୱତନ୍ତ୍ର ଶୃଙ୍ଗାର ପୁଡୁଳିର ଚାହିଦା ମଧ୍ୟ ଖୁବ୍ ଅଧିକ ରହିଛି। ଏହି ପୁଡୁଳି ମଧ୍ୟରେ ସିନ୍ଦୂର, ବ୍ରତ, ଆଇନା, କାଠ ପାନିଆ, କଳାମାଳି, ଗୁଆ ଓ ଅଳତା ଆଦି ସାମଗ୍ରୀ ରହିଛି, ଯାହାକୁ ମାତ୍ର ୨୦ ଟଙ୍କାରେ ବିକ୍ରି କରାଯାଉଛି। ଶୃଙ୍ଗାର ସାମଗ୍ରୀର ମୂଲ୍ୟ କିଛି ମାତ୍ରାରେ ଆଶ୍ୱସନା ଦେଉଥିଲେ ମଧ୍ୟ, ଫଳ ବଜାରର ଅହେତୁକ ଦର ବୃଦ୍ଧି ଚଳିତ ବର୍ଷ ସାବିତ୍ରୀ ବ୍ରତର ବଜେଟ୍‌କୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଇଛି।

ମଇ ୧୮ ଓ ୨୫ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୧୫।୫(ନି.ପ୍ର): ଆସନ୍ତା ମଇ ୧୮ ଓ ୨୫ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ । ପ୍ରଚଣ୍ଡ ରୌଦ୍ର ତାପ ଯୋଗୁଁ ଆସନ୍ତା ସୋମବାର ମଇ ୧୮ ତାରିଖ ଓପରବର୍ତ୍ତୀ ସୋମବାର ମଇ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ମସଜିଦ ନୁହେଁ ବାଗଦେବୀ ସରସ୍ୱତୀଙ୍କ ମନ୍ଦିର

ନୂଆଦିଲ୍ଲୀ: ଧାରରେ ଥିବା ଭୋଜଶାଳା ମସଜିଦ ନୁହେଁ ବରଂ ଏକ ମନ୍ଦିର ଥିଲା । ଭୋଜଶାଳା ପରିସରେ ଥିବା ବାଗଦେବୀ ସରସ୍ୱତୀ ମାତାଙ୍କ ମନ୍ଦିର ଅଟେ । ଶୁକ୍ରବାର ଐତିହାସିକ ରାୟ ଶୁଣାଇଛନ୍ତି ମଧ୍ୟ ପ୍ରଦେଶ ହାଇକୋର୍ଟ । କମାଲ ମୌଲା ମସଜିଦ ପକ୍ଷର ଆବେଦନକୁ ଖାରଜ କରିଛନ୍ତି ହାଇକୋର୍ଟ । ତତସହିତ ମୁସଲିମ ପକ୍ଷକୁ ଅଲଗା ଜମି ଯୋଗାଇ ଦେବା ନିଷ୍ପତ୍ତିକୁ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ କରିଛନ୍ତି । ଭୋଜଶାଳା ଢାଞ୍ଚା ବିବାଦରେ ମୁସଲିମ ପକ୍ଷକୁ ଶକ୍ତ ଝଟକା ଲାଗିଛି । ହାଇକୋର୍ଟ ବିଚାରପତି ବିଜୟ କୁମାର ଶୁକ୍ଲା ଏବଂ ଆଲୋକ ଅବସ୍ଥୀଙ୍କ ଖଣ୍ଡପୀଠ ଭୋଜଶାଳାକୁ ନେଇ ମସଲିମ ପକ୍ଷରୁ କରାଯାଇଥିବା ଆବେଦନକୁ ଖାରଜ କରିଛନ୍ତି। ଏହି ଢାଞ୍ଚାର ଧାର୍ମିକ ପ୍ରକୃତି ମନ୍ଦିର ଅଟେ ଏବଂ ମୁସଲିମ ପକ୍ଷ ବିକଳ୍ପ ସ୍ଥାନ ପାଇଁ ସରକାରଙ୍କ ନିକଟରେ ଆବେଦନ କରିପାରିବେ । କୋର୍ଟ ସମସ୍ତ ଦସ୍ତାବିଜକୁ ଆଧାର କରି ହୃଦୟଙ୍ଗମ କରିଛନ୍ତି ଯେ ସେହି ସ୍ଥାନରେ ଦେବୀ ସରସ୍ୱତୀଙ୍କ ମନ୍ଦିର ଥିଲା । ଖଣ୍ଡପୀଠ କହିଛନ୍ତି, 'ଭକ୍ତମାନଙ୍କୁ ମୌଳିକ ସୁବିଧା

ଯୋଗାଇବା, ଉପଯୁକ୍ତ ଆଇନ ଶୃଙ୍ଖଳା ଏବଂ ଦେବତାଙ୍କ ପବିତ୍ରତା ରକ୍ଷା କରିବା ସାମ୍ବିଧାନିକ କର୍ତ୍ତବ୍ୟ। ଆବହମାନ କାଳରୁ ସମୟ ସହିତ ଏହି ସ୍ଥାନରେ ହିନ୍ଦୁ ପୂଜାର ନିରନ୍ତରତା କେବେ ବନ୍ଦ ହୋଇନାହିଁ। ଐତିହାସିକ ସାହିତ୍ୟ ବିବାଦୀୟ ଅଞ୍ଚଳର ସ୍ୱଭାବକୁ ଏକ ସଂସ୍କୃତ ଶିକ୍ଷା କେନ୍ଦ୍ର ଭାବରେ ଦର୍ଶାଉଛି । ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଦେବୀ ସରସ୍ୱତୀଙ୍କ ମନ୍ଦିରର ଅସ୍ତିତ୍ୱକୁ ସୂଚିତ କରୁଛି।

ଏହା ସହିତ ହିନ୍ଦୁଙ୍କ ପୂଜା କରିବାର ଅଧିକାରକୁ ସୀମିତ କରିବା ଏବଂ ମୁସଲିମ ସମ୍ପ୍ରଦାୟକୁ ନମାଜ ପାଠ କରିବାକୁ ଅନୁମତି ଦେବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣର ୨୦୦୩ ଆଦେଶକୁ ବାତିଲ କରିଛନ୍ତି । ଧାରର ଭୋଜଶାଳାକୁ ତିନୋଟି ସମ୍ପ୍ରଦାୟ ପକ୍ଷରୁ ଭିନ୍ନ ଭିନ୍ନ ଦାବ ହୋଇଆସୁଥିଲା । ହିନ୍ଦୁ ସମ୍ପ୍ରଦାୟ ଭାଗଦେବୀ (ଦେବୀ ସରସ୍ୱତୀ)ଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏକ ମନ୍ଦିର ବୋଲି କହୁଥିବାବେଳେ ମୁସଲିମ ପକ୍ଷ ଦାବି କରିଥିଲେ ଯେ ଢାଞ୍ଚାଟି କମଲ ମୌଲା ମସଜିଦ ଥିଲା। ଜଣେ ଜୈନ ଆବେଦନକାରୀ ଦାବି କରିଥିଲେ ଯେ ବିବାଦୀୟ ପରିସରରେ ଏକ ମଧ୍ୟଯୁଗୀୟ ଜୈନ ମନ୍ଦିର ଏବଂ ଏକ ଗୁରୁକୁଳ ରହିଛି।

ଭୋଜଶାଳା ଢାଞ୍ଚାର ବୈଜ୍ଞାନିକ ସର୍ଭେ ପରେ ଏଏସଆଇ ୨,୦୦୦ ରୁ ଅଧିକ ପୃଷ୍ଠାର ରିପୋର୍ଟରେ ସୂଚିତ କରିଛି ଯେ ମସଜିଦ ପୂର୍ବରୁ ଧାରର ପରମାର ରାଜାଙ୍କ ରାଜତ୍ୱ କାଳର ଏକ ବିଶାଳ ଗଠନ ଥିଲା ଏବଂ ବର୍ତ୍ତମାନର ବିବାଦୀୟ ଗଠନ ମନ୍ଦିରର କିଛି ଅଂଶ ପୁନଃବ୍ୟବହାର କରି ନିର୍ମିତ ହୋଇଥିଲା। ହିନ୍ଦୁ ପକ୍ଷ ଏଏସଆଇର ଦ୍ୱାରା ଉଦ୍ଧାର ଶିଳା ଲେଖ, ମୂର୍ତ୍ତୀ ଇତ୍ୟାଦିର ପ୍ରମାଣ ଦେଇ ଏହା ସରସ୍ୱତୀଙ୍କ ମନ୍ଦିର ବୋଲି ଦାବି କରିଥିଲେ । ମୁସଲିମ ପକ୍ଷ ଏହା ଏଏସଆଇର ପକ୍ଷପାତିତା ବୋଲି ଅଭିଯୋଗ କରିଥିଲା । କିନ୍ତୁ ଏଏସଆଇ ମୁସଲିମ ପକ୍ଷରୁ ଅଭିଯୋଗକୁ ଖଣ୍ଡନ କରି କହିଥିଲା ଯେ ସମସ୍ତ ବୈଜ୍ଞାନିକ ଅନୁସନ୍ଧାନରୁ ଏହା ସ୍ପଷ୍ଟ ହୋଇଥିଲା । ଯେଉଁ ଟିମ୍ ସର୍ବେକ୍ଷଣରେ ସାମିଲ ଥିଲା ସେଥିରେ ତିନି ଜଣ ମୁସଲିମ ଅଧିକାରୀ ସାମିଲ ଥିଲେ ଏବଂ ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ ।

ରାଜ୍ୟରେ ପେଟ୍ରୋଲ ଓ ଡିଜେଲର କୌଣସି ଅଭାବ ନାହିଁ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର: ରାଜ୍ୟରେ ଲୋକମାନେ ଛାନିଆ ହୋଇ ତେଲ କିଣୁଥିବାରୁ ପେଟ୍ରୋଲ ପମ୍ପଗୁଡିକରେ ନାହିଁ ନଥିବା ଭିଡ ଦେଖିବାକୁ ମିଳୁଛି। ଲୋକମାନଙ୍କ ମନରେ ଥିବା ଭୟ ଦୂର କରିବା ଲାଗି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ ରାଜ୍ୟରେ ପେଟ୍ରୋଲ ଓ ଡିଜେଲର କେଣସି ଅଭାବ ନାହିଁ। ପର୍ଯ୍ୟାପ୍ତ ପରିମାଣର ତେଲ ଅଛି।

୧୩ ଦିନର ଆବଶ୍ୟକତା ପୂରଣ କରିବା ଭଳି ତେଲ ରାଜ୍ୟରେ ମହଜୁଦ ଅଛି। ତେଣୁ ଅଯଥାରେ ଆତଙ୍କିତ ହୋଇ ତେଲ ନ କିଣିବାକୁ ସେ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି।ସେ କହିଛନ୍ତି ଯେ ତେଲ ସରିଯିବା ଭୟରେ ଲୋକମାନେ ଛାନିଆ ହୋଇପଡିଛନ୍ତି। ୧୦୦ ଟଙ୍କାରେ ତେଲ କିଣୁଥିବା ଲୋକମାନେ ୫୦୦ ଟଙ୍କାରେ ତେଲ ପକାଉଛନ୍ତି। ଦୁଇ ଦିନ ଭିତରେ ତେଲ ଚାହିଦା ଆବଶ୍ୟକତାଠାରୁ ୫୦ ପ୍ରତିଶତ ଅଧିକ ବିଯାଇଛି। ଯେତିକି ତେଲ ଦରକାର କେବଳ ସେତିକି କିଣିବାକୁ ସେ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି। ଜାରକିନ୍ ଓ ଗିଣ ଡବାରେ ତେଲ ନେଇ ଘରେ ମହଜୁଦ ରଖନ୍ତୁ ନାହିଁ ବୋଲି ସେ ଲୋକମାନଙ୍କୁ ଅପିଲ କରିଛନ୍ତି। ପେଟ୍ରୋଲ ପମ୍ପରେ ହେଉଥିବା ଭିଡ ସମ୍ପର୍କରେ ସେ କହିଛନ୍ତି ଯେ ହଠାତ୍ ଭିଡ ବଢ଼ିଯାଉଥିବାରୁ ପେଟ୍ରୋଲ ପମ୍ପ ମାଲିକମାନେ ସବୁ ଗ୍ରାହକଙ୍କୁ ତେଲ ଦେବା ପାଇଁ ଅଳ୍ପ ଅଳ୍ପ ତେଲ ଦେଉଛନ୍ତି। ଅଭାବ ପାଇଁ ପରିମାଣ କମ୍ କରାଯାଉନାହିଁ। ସରକାରଙ୍କ ତରଫରୁ ପେଟ୍ରୋଲ ପମ୍ପମାନଙ୍କୁ ଏନେଇ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ।

ଡାହୁକ



ଦରମା ମିଳିନି ଫଳ ମୂଳ ଦର
ହୋଇଛି ଆକାଶ ଛୁଆଁ
ନ କିଣି ପାରିଲେ ସାବିତ୍ରୀଟା ମୋର
ଘରୋ ଲଗେଇବ ନିଆଁ
ଋଣ ଭାରେ ପଛେ ବୁଡ଼ି ମୁଁ କିଣିବି
କରିବି ତା ପେଟ ଭର୍ତ୍ତି
ଫଳମୂଳ ଯଦି ନ ଖାଏ ସାବିତ୍ର
ଯମଠୁ ହେବନି ବର୍ତ୍ତି। -ବିଧୁ

ନୂଆ ପୁଲିସ ଡିଜି ଚୟନ ପାଇଁ କସରତ

ଭୁବନେଶ୍ୱର,୧୫।୫(ନି.ପ୍ର.): ରାଜ୍ୟରେ ଆଇନଶୃଙ୍ଖଳାର ବିପର୍ଯ୍ୟସ୍ତ ସ୍ଥିତିକୁ ନେଇ ପୁଲିସକୁ ବିଭିନ୍ନ ଆଡୁ ସମାଲୋଚନା ହେଉଥିବାବେଳେ ରାଜ୍ୟ ସରକାର ପରବର୍ତ୍ତୀ ଡିଜି ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ପୁଲିସ ଡିଜି ଓ୍ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ ଆସନ୍ତା ଅଗଷ୍ଟ ମାସରେ ଶେଷ ହେଉଛି। ସୁପ୍ରିମକୋର୍ଟଙ୍କ କଡା ନିର୍ଦ୍ଦେଶ ଓ ୟୁପିଏସସିର ନୂଆ ଗାଇଡଲାଇନକୁ ଦୃଷ୍ଟିରେ ରଖି ଗୃହ ବିଭାଗ ପକ୍ଷରୁ ପରବର୍ତ୍ତୀ ଡିଜିପି ଚୟନ ପାଇଁ କସରତ ଜୋରଦାର ହୋଇଛି।

ଆଇପିଏସ ଚାକିରିରେ ୩୦ବର୍ଷ ସେବା ସମ୍ପୂର୍ଣ୍ଣ କରିଥିବା ମୋଟ ୧୧ଜଣ ବରିଷ୍ଠ ଆଇପିଏସଙ୍କ ନାଁ ସର୍ଟଲିଷ୍ଟ ହୋଇଛି। ରାଜ୍ୟ ସରକାର ଆସନ୍ତା ସପ୍ତାହରେ ୟୁପିଏସସି(କେନ୍ଦ୍ର ଲୋକସେବା ଆୟୋଗ)ଙ୍କ ନିକଟକୁ ପରବର୍ତ୍ତୀ ଡିଜିପି ଚୟନ ନିମନ୍ତେ ଏହି ୧୧ଜଣ ବରିଷ୍ଠ ଆଇପିଏସଙ୍କ ତାଲିକା ସହ ବିଧିବଦ୍ଧ ପ୍ରସ୍ତାବ ପଠାଇବେ ବୋଲି ଜଣାପଡିଛି।

ଗୃହ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ପୁଲିସ ମୁଖ୍ୟାଳୟକୁ ୧୯୯୪ରୁ ୧୯୯୬ ବ୍ୟାଚର ମୋଟ ୮ଜଣ ଆଇପିଏସ ଅଫିସରଙ୍କ ସମ୍ପର୍କରେ ତଥ୍ୟ ମଗାଯାଇଛି। ସେମାନଙ୍କ ନାଁରେ ବିଭାଗୀୟ ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କିମ୍ବା ଅନ୍ୟ କୌଣସି ମାମଲା ରହିଛି କି ନାହିଁ ସେ ସମ୍ପର୍କିତ ତଥ୍ୟ ଦେବାକୁ ମଧ୍ୟ କୁହାଯାଇଛି। ଏ ସମ୍ପର୍କିତ ରିପୋର୍ଟ ମିଳିବା ପରେ ରାଜ୍ୟ ସରକାର ଆନୁଷ୍ଠାନିକ ଭାବେ ୟୁପିଏସସିଙ୍କ ନିକଟକୁ ପରବର୍ତ୍ତୀ ଡିଜିପି ଚୟନ ନିମନ୍ତେ ପ୍ରସ୍ତାବ ପଠାଇବେ ବୋଲି ଜଣାପଡିଛି। ପୂର୍ବରୁ ରାଜ୍ୟ ସରକାର ୩ଜଣ ବରିଷ୍ଠ ଆଇପିଏସଙ୍କ ତଥ୍ୟ ମାଗିଥିଲେ।

ୟୁପିଏସସିଙ୍କ ଗାଇଡଲାଇନକୁ ଆଧାର କରି ରାଜ୍ୟ ସରକାର ଆଜି ଆଉ ୮ଜଣ ଆଇପିଏସଙ୍କ ତଥ୍ୟ ମାଗିବା ସହ ମୋଟ୍ ୩୦ବର୍ଷ ଚାକିରି କାଳ ସମ୍ପୂର୍ଣ୍ଣ କରିଥିବା ସମସ୍ତ ୧୧ଜଣ ଆଇପିଏସଙ୍କ ନାଁକୁ ପରବର୍ତ୍ତୀ ଡିଜିପି ଚୟନ ତାଲିକାରେ ସାମିଲ କରିଛନ୍ତି ବୋଲି ଜଣାପଡିଛି । ୟୁପିଏସସିର ନୂଆ ନିୟମ ଅନୁଯାୟୀ ଯେଉଁ ଆଇପିଏସ୍ ଅଫିସର ୩୦ ବର୍ଷର ସେବା ସମ୍ପୂର୍ଣ୍ଣ କରିଛନ୍ତି, ସେମାନଙ୍କ ନାମ ଡିଜିପି ଚୟନ ନିମନ୍ତେ ୟୁପିଏସସିକୁ ପଠାଇବା ବାଧ୍ୟତାମୂଳକ କରାଯାଇଛି।ପରବର୍ତ୍ତୀ ପୁଲିସ ଡିଜି ଦୌଡରେ ୧୯୯୦ ବ୍ୟାଚ ଆଇପିଏସ୍ ଅଗ୍ନିଶମ ସେବା ଡିଜି ସୁଧାଂଶୁ ଷଡଙ୍ଗୀ, ୧୯୯୩ ବ୍ୟାଚର ଜେଲ୍ ଡିଜି ସୁଶାନ୍ତ ନାଥ ଓ ଗୁଇନ୍ଦା ଡିଜି ଆରପି. କୋଚେଙ୍କ ନାମ ସର୍ବାଗ୍ରେ ରହିଛି। ଏମାନଙ୍କ ସମେତ ୧୯୯୪ ବ୍ୟାଚର ସଞ୍ଜିବ ପଣ୍ଡା ଓ ଯଶବନ୍ତ ଜେଠୱା,୧୯୯୫ ବ୍ୟାଚର ରିତୁ ଅରୋରା, ସୌମେନ୍ଦ୍ର ପ୍ରିୟଦର୍ଶୀ, ପିଏସ. ରଣପିସେ ଓ ସନ୍ତୋଷ ବାଲାଙ୍କ ନାମ ଥିବାବେଳେ ୧୯୯୬ ବ୍ୟାଚର ଅରୁଣ ବୋଥ୍ରା ଓ ସୁନୀତା କାକରନଙ୍କୁ ମଧ୍ୟ ସର୍ଟଲିଷ୍ଟରେ ସ୍ଥାନ ମିଳିଛି। ତେବେ ସର୍ଟଲିଷ୍ଟ ହୋଇଥିବା ଆଇପିଏସ୍ ରିତୁ , ରଣପସେ ଓ ସୁନୀତା ଏବେ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି।

ଉଲ୍ଲେଖଯୋଗ୍ୟ, ସୁପ୍ରିମକୋର୍ଟଙ୍କ କଡା ନିର୍ଦ୍ଦେଶ ପରେ ପୁଲିସ ଡିଜି ଚୟନ ନିମନ୍ତେ ୨୦୨୬ ଜାନୁଆରୀ ୮ ତାରିଖରେ ୟୁପିଏସସିଙ୍କ ଦ୍ୱାରା ଓଡିଶା ସମେତ ସମସ୍ତ ରାଜ୍ୟ ପାଇଁ ସଂଶୋଧିତ ଗାଇଡଲାଇନ୍ ଜାରି ହୋଇଥିଲା। ଏହି ଆଧାରରେ ଡିଜିପି ପଦବୀ ଖାଲି ହେବାର ଅଇ ମାସ ପୂର୍ବରୁ ରାଜ୍ୟ ସରକାର ଚୟନ ପ୍ରକ୍ରିୟା ଶେଷ କରି ୟୁପିଏସସିକୁ ପ୍ରସ୍ତାବ ପଠାଇବା ଜରୁରୀ। ଯଦି କୌଣସିକାରଣରୁ ଏଥିରେ ବିଳମ୍ବ ହୁଏ, ତେବେ ସମ୍ପୃକ୍ତ ରାଜ୍ୟ ସରକାରଙ୍କୁ ଏନେଇ ସୁପ୍ରିମକୋର୍ଟଙ୍କୁ ଜବାବ ଦେବାକୁ ପଡିବ। ଏହାବ୍ୟତୀତ କୌଣସି ପରିସ୍ଥିତିରେ ରାଜ୍ୟ ସରକାର ନିଜ ଇଚ୍ଛାରେ 'କାମଚଳା ଡିଜିପି' ବା ଆକ୍ଟିଙ୍ଗ୍ ଡିଜିପି ନିଯୁକ୍ତ କରିପାରିବେ ନାହିଁ।

ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଓ ୟୁପିଏସସିର କଡା ଆଭିମୁଖ୍ୟ ଯୋଗୁଁଓଡିଶା ସରକାର ସମୟ ପୂର୍ବରୁ ସମସ୍ତ ଯୋଗ୍ୟ ଅଧିକାରୀଙ୍କ ସର୍ଭିସ ରେକର୍ଡ ଯାଂଚ କରି ଆସନ୍ତା ସପ୍ତାହରେ କେନ୍ଦ୍ରକୁ ରିପୋର୍ଟ ପଠାଇବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏହି ୧୧ ଜଣଙ୍କ ମଧ୍ୟରୁ ବରିଷ୍ଠତା, କାର୍ଯ୍ୟଦକ୍ଷତା ଓ ପରଫର୍ମାନ୍ସ ଭିତ୍ତିରେ ୩ଜଣଙ୍କୁ ୟୁପିଏସସି କର୍ତ୍ତୃପକ୍ଷ ଚୟନ କରି ରାଜ୍ୟକୁ ଫେରସ୍ତ ପଠାଇବେ, ଯେଉଁଥିରୁ ଜଣଙ୍କୁ ନୂଆ ପୁଲିସ ମୁଖ୍ୟ(ଡିଜିପି) ଭାବେ ରାଜ୍ୟ ସରକାର ନିଯୁକ୍ତି ଦେବେ ବୋଲି ଜଣାପଡିଛି।